ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Forest, Env & CC(OD)/537/25-09-2025

# ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ

## ପାଞ୍ଚ ବର୍ଷୀୟ ଭିଜନ ପ୍ଲାନ ଅନୁମୋଦିତ

ଭୁବନେଶ୍ୱର,୨୫.୦୯.୨୦୨୫

ରାଜ୍ୟରେ ଔଷଧୀୟ ଉଦ୍ଭିଦର ସୁରକ୍ଷା, ଚାଷ, ପ୍ରଚାର ଓ ବାଣିଜ୍ୟୀକରଣକୁ ଉନ୍ନତ କରିବାରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଓଡ଼ିଶାର ସମୃଦ୍ଧ ଔଷଧୀୟ ପାରମ୍ପରିକତାକୁ ସୁରକ୍ଷା କରିବା ସହିତ ଏହାକୁ ଗ୍ରାମୀଣ ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ସହଭାଗୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। କୃଷକମାନଙ୍କୁ ପ୍ରଶିକ୍ଷଣ ଦେଇ ଔଷଧୀୟ ଉଦ୍ଭିଦ ଚାଷକୁ ବ୍ୟାପକ କରିବା ଏବଂ ଔଷଧୀୟ ଉଦ୍ଭିଦର ସଂରକ୍ଷଣ କରିବା ସହିତ ପ୍ରାକୃତିକ ବିଭିନ୍ନତାରେ ଔଷଧୀୟ ପ୍ରଜାତିଗୁଡ଼ିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସୂଚନା ଦେଇଥିଲେ ଯେ ପାଇଲଟ ଭାବେ ପ୍ରଥମ ବର୍ଷର ପାଣ୍ଠି ଓଡ଼ିଶା ବନାଞ୍ଚଳ ଉନ୍ନୟନ ବିକାଶ ସମିତି (OFSDS) ମାଧ୍ୟମରେ କରାଯିବ। ଦ୍ୱିତୀୟ ବର୍ଷ ଠାରୁ ଏହି କାର୍ଯ୍ୟକ୍ରମକୁ ଆୟୁଷ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ସମ୍ପ୍ରସାରିତ କରାଯିବ।

ସେ ଆହୁରି ମଧ ଘୋଷଣା କରିଛନ୍ତି ଯେ ବୈଷୟିକ ସହଯୋଗକୁ ମଜବୁତ କରିବା ପାଇଁ ନଭେମ୍ବର ୨୦୨୫ ପ୍ରଥମ ସପ୍ତାହରେ ଏଫଆରଏଲଏଚଟି (ବେଙ୍ଗାଲୁରୁ), ଆଇଆରଏମଏ (ଆନନ୍ଦ) ଏବଂ ଏମଏସଏସଆରଏଫ (ଚେନ୍ନାଇ) ସହିତ ଏମଓୟୁ ସ୍ୱାକ୍ଷରିତ ହେବ । ଏହି ପଦକ୍ଷେପ ଅଧୀନରେ ବିକଶିତ ଉତ୍ପାଦଗୁଡିକ ରାଜ୍ୟର ନୂତନ ହର୍ବାଲ୍ ବ୍ରାଣ୍ଡ "କଳିଙ୍ଗ ହର୍ବସ୍" ବ୍ରାଣ୍ଡ ନାମରେ ବିପଣନ କରାଯିବ । ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ, ଆରପିଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଆରପିଆରସି, ଭୁବନେଶ୍ୱରରେ ଏସଏମପିବି ଉତ୍ପାଦ ପାଇଁ ଏକ ଉତ୍ସର୍ଗୀକୃତ ବିପଣନ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ବୈଠକ ପ୍ରାରମ୍ଭରେ ଏସ୍ ଏମ୍ ପି ବି ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଭି. କାର୍ତ୍ତିକ ପିପିଟି ମାଧ୍ୟମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ପଞ୍ଚବାର୍ଷିକ ଭିଜନ୍ ପ୍ଲାନ୍ ଉପସ୍ଥାପନ କରିଥିଲେ । ଓଡ଼ିଶାର କାର୍ଯ୍ୟନିର୍ବାହୀ ସଂସ୍ଥା ସାରା ରାଜ୍ୟରେ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ଚାଷ ଏବଂ ବ୍ୟବସାୟୀକରଣକୁ ମଜବୁତ କରିବା ପାଇଁ ଏହି ପଞ୍ଚବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଛି ।

ଏହି ବୈଠକରେ ପ୍ରିନ୍ସିପାଲ୍ ଚିଫ୍ କଞ୍ଜର୍ଭେଟର୍ ଅଫ୍ ଫରେଷ୍ଟ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଶ୍ରୀ ସୁରେଶ ପନ୍ତ, ପ୍ରଧାନ ବନ ସଂରକ୍ଷକ ଶ୍ରୀ ଜି ରାଜେଶ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ଗୋରଖ ୱାମନ କାଲୁଙ୍ଗେ,ନିର୍ଦ୍ଦେଶକ ଆୟୁଷ, ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଆଞ୍ଚଳିକ ଉଦ୍ଭିଦ ସାଧନ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ, ଶ୍ରୀ ସୁଧାଂଶୁ ଶେଖର ଖୋରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦେଶକ ତଥା -ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଡ. ମୁରୁଗେଶନ, ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଉପ ବନ ସଂରକ୍ଷକ, ଦେବପ୍ରିୟ କମ୍ପ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଅନୁପ କୁମାର ସାହୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସରୋଜ କୁମାର ଶତପଥୀ
ଲୋକ ସମ୍ପର୍କ ଅଧିକାରୀ